ଟିପ୍ପଣୀ

୧୦

ଇଣ୍ଟରନେଟ୍‌ର ପରିଚୟ

Introduction to Internet

୧୦.୧ ଉପକ୍ରମ

ବର୍ତ୍ତମାନର ସୂଚନା ଓ ପ୍ରଯୁକ୍ତି ଯୁଗରେ ଇଣ୍ଟରନେଟ୍‌ର ବ୍ୟବହାର ବହୁତ ଜନାଦୃତ ହୋଇପାରିଛି କାରଣ ତୁମେ ଯେକୌଣସି ବିଷୟରେ ସୂଚନା ପାଇପାରିବ । ଏହା ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ ଭାବରେ ଛାତ୍ରମାନଙ୍କୁ, ଗବେଷକ ଏବଂ ବୃତ୍ତିଗତଙ୍କୁ ସେମାନଙ୍କର ବିଦ୍ୟାଗତ, ବୃତ୍ତିଗତ ଓ ଆହୁରି ଅନେକ ବିଷୟରେ ସୂଚନା ପାଇବା ପାଇଁ ସୁଯୋଗ ଦେଇଛି । ବର୍ତ୍ତମାନ ପୃଥିବୀରେ ବହୁତ ଲୋକ ସେମାନଙ୍କର ଚାରିପାଖରେ କମ୍ପ୍ୟୁଟରକୁ ବ୍ୟବହାର କରୁଛନ୍ତି କାରଣ ଇଣ୍ଟରନେଟ୍ ମାଧ୍ୟମରେ world wide web ରୁ ସୂଚନା, ବାର୍ତ୍ତା ଓ ଡକୁମେଣ୍ଟ ପ୍ରେରଣ ଓ e-services ଆଦି ପାଇପାରୁଛନ୍ତି ।

୧୦.୨ ଉଦ୍ଦେଶ୍ୟ

ଏହି ପାଠଟି ଅଧ୍ୟୟନ ପରେ ତୁମେ:

- ଇଣ୍ଟରନେଟ୍‌ର ବର୍ଣ୍ଣନା କରିପାରିବ
- ବିଭିନ୍ନ ପ୍ରକାର ଇଣ୍ଟରନେଟ୍ କନେକ୍‌ସନ୍‌ର ଲିଷ୍ଟ କରିପାରିବ
- ଇଣ୍ଟରନେଟ୍ ମାଧ୍ୟମରେ ଦିଆଯାଇଥିବା ବିଭିନ୍ନ ପ୍ରକାର ସେବାର ବର୍ଣ୍ଣନା କରିପାରିବ
- ଫାଇଲକୁ ଡାଉନଲୋଡ୍ କରିପାରିବ
- ଇ-ମେଲ୍ ପଠାଇବା ଓ ପାଇପାରିବ
- ଇଣ୍ଟରନେଟ୍‌ରେ ବ୍ୟବହାର କରାଯାଉଥିବା ବିଭିନ୍ନ ପ୍ରକାର ଶବ୍ଦ ସହିତ ପରିଚୟ ହୋଇପାରିବ

୧୦.୩ ଇଣ୍ଟରନେଟ୍ କ'ଣ ?

ଇଣ୍ଟରନେଟ୍ ବା ନେଟ୍ ପୃଥିବୀ ସାରା ଥିବା ଗୋଟିଏ କମ୍ପ୍ୟୁଟର ନେଟ୍‌ୱାର୍କମାନଙ୍କର ନେଟ୍‌ୱାର୍କ । ଏହା ପୃଥିବୀସାରା ଥିବା ବଡ଼ ଓ ଛୋଟ ନେଟ୍‌ୱାର୍କମାନଙ୍କର ଗୋଟିଏ ସଂଯୋଜନା ।

୧୦.୪ ଇଣ୍ଟରନେଟ୍‌ର ଉପଯୋଗ

ଇଣ୍ଟରନେଟ୍ ସାହାଯ୍ୟରେ ତୁମେ-

- ଇ-ମେଲ୍‌କୁ ବ୍ୟବହାର କରି ବାର୍ତ୍ତା ବିନିମୟ କରିପାରିବ
- ଫାଇଲ ତତ୍‌ସହିତ ସଫ୍ଟ୍‌ୱେୟାରକୁ ପଠାଇପାରିବ
- ୱେବ୍‌ରେ ଯେକୌଣସି ବିଷୟ ଉପରେ ତଥ୍ୟ ସଂଗ୍ରହ କରିପାରିବ
- ଇଣ୍ଟରନେଟ୍‌ରେ ସଂଯୁକ୍ତ ହୋଇଥିବା ଅନ୍ୟମାନଙ୍କ ସହ ମତ ବିନିମୟ (ଚାଟ୍) କରିପାରିବ
- ସରକାର, ବ୍ୟକ୍ତି ଏବଂ ଅର୍ଗାନାଇଜେସନର ଡାଟାବେସ୍‌କୁ ଖୋଜିପାରିବ
- ନିଉଜ୍‌ଗ୍ରୁପ୍‌ରେ ମିଳୁଥିବା ନିଉଜକୁ ପଢ଼ିପାରିବ
- ଆନିମେସନ ଓ ଚିତ୍ରକୁ ଦୂରସ୍ଥାନକୁ ପଠାଇପାରିବ ଓ ପାଇପାରିବ
- ତୁମ କଂପାନୀର ଦ୍ରବ୍ୟ ଓ ସେବାର ତଥ୍ୟକୁ ଗୋଟିଏ ସାଇଟ୍ ମାଧ୍ୟମରେ ସେଟ୍‌ଅପ୍ କରିପାରିବ

୧୦.୫ ତୁମ କମ୍ପ୍ୟୁଟରରେ ଇଣ୍ଟରନେଟ୍ ସଂଯୋଗ କରିବା

ଯେକୌଣସି ପ୍ରାନ୍ତରେ ଇଣ୍ଟରନେଟ୍‌ର ସେବାକୁ ସକ୍ରିୟ କରିବା ପାଇଁ ଇଣ୍ଟରନେଟ୍ କନେକ୍‌ସନ୍ ଯେକୌଣସି ଇଣ୍ଟରନେଟ୍ ସେବା ପ୍ରଦାନକାରୀଙ୍କ ଠାରୁ ନେବାକୁ ପଡ଼ିବ । ଗୋଟିଏ କନେକ୍‌ସନ୍ ରଖିବା ପାଇଁ କୌଣସି ସେବା ପ୍ରଦାନକାରୀଙ୍କ ସହ ଯୋଗାଯୋଗ କରିବାକୁ ପଡ଼ିବ । ପ୍ରତ୍ୟେକ ଏରିଆରେ ବହୁତଗୁଡ଼ିଏ ଇଣ୍ଟରନେଟ୍ ସେବା ପ୍ରଦାନକାରୀ (ISP : Internet Service Provider) ରହିଛନ୍ତି । ସେଥିପାଇଁ କିଛି ମାହାସୁଲ୍ ISPକୁ ବାର୍ଷିକ କିମ୍ବା ମାସିକ ଭଡ଼ା ବାବଦ କିମ୍ବା ଇଣ୍ଟରନେଟ୍ ଲଗାଇବା ପାଇଁ ଦେବାକୁ ପଡ଼ିବ ।



Fig. 10.1

ତୁମ ଆବଶ୍ୟକତା ଅନୁଯାୟୀ ମିଳୁଥିବା ଅପ୍‌ସନ୍ ମଧ୍ୟରୁ ଯେକୌଣସିଟିକୁ ଠିକ୍ କରିବାକୁ ପଡ଼ିବ । ଯଦି

ତୁମେ ଗୋଟିଏ ଦୃତ ସମର୍ପିତ କନେକ୍ସନ୍ ଚାହୁଁଛ ତେବେ ତୁମକୁ ଗୋଟିଏ ଉଚ୍ଚ Band width ବ୍ରଡ୍‌ବ୍ୟାଣ୍ଡ କିମ୍ବା ଚୁକ୍ତି କରି ଭଡ଼ାରେ ମିଳୁଥିବା କନେକ୍ସନ୍ ନେବାକୁ ପଡ଼ିବ ।

ଯଦି ତୁମକୁ କେବଳ ଗୋଟିଏ କମ୍ପ୍ୟୁଟରର କନେକ୍ସନ୍ ନେବାକୁ ପଡ଼ିବ, ତେବେ ତୁମକୁ ଲୋ bandwidth କିମ୍ୱା Dial up କନେକ୍ସନ୍ ନେବାକୁ ପଡ଼ିବ । ତୁମ ହାତ ପାହାନ୍ତାରେ ଛୋଟ ସେବାଗୁଡ଼ିକୁ ପାଇବା ପାଇଁ ମୋବାଇଲ ମଧ୍ୟ କମ୍ପ୍ୟୁଟରରେ ସଂଯୁକ୍ତ କରିପାରିବ । ଇଣ୍ଟରନେଟ୍ ସହ ସଂଯୁକ୍ତ ହେବା ପାଇଁ ବହୁତଗୁଡ଼ିଏ ବାଟ ରହିଛି । ତୁମେ ନିମ୍ନଲିଖିତ ଯେକୌଣସି ବାଟରେ ଇଣ୍ଟରନେଟ୍ କନେକ୍ସନ୍ ନେଇପାରିବ ।

୧. Dial up କନେକସନ୍ ମାଧ୍ୟମରେ: ବ୍ୟବହାରକାରୀ ଇଣ୍ଟରନେଟ୍‌ରେ କନେକ୍ଟେଡ୍ ହେବାପାଇଁ dial କରିବାକୁ ପଡ଼ିବ । ଏହା କେବଳ ଗୋଟିଏ କମ୍ପ୍ୟୁଟର କିମ୍ୱା କମ୍ପ୍ୟୁଟରର ଛୋଟ ଗ୍ରୁପ୍ ପାଇଁ ସୁବିଧାଜନକ ।

୨. ଭଡ଼ା ଲାଇନ୍ ମାଧ୍ୟମରେ: ଏହି ବ୍ୟବସ୍ଥାରେ ଗୋଟିଏ ସମର୍ପିତ ଲାଇନ ମାଧ୍ୟମରେ କନେକସନ୍ ଦିଆଯାଇଥାଏ ।

୩. ବ୍ରଡ୍‌ବ୍ୟାଣ୍ଡ ମାଧ୍ୟମରେ: ଏହି ବ୍ୟବସ୍ଥାରେ ଉଚ୍ଚ ବ୍ୟାଣ୍ଡ width ଥିବା ଇଣ୍ଟରନେଟ୍ କନେକସନ୍ ଯେମିତିକି ବ୍ରଡ୍‌ବ୍ୟାଣ୍ଡ କନେକସନ୍ ନେଇପାରିବେ । ଏହା ଭଲ ସ୍ପିଡ୍‌ଦିଏ ।

ବର୍ତ୍ତମାନ ଯୁଗରେ wireless କନେକସନ୍ ମଧ୍ୟ ମିଳିପାରୁଛି । ଏଥିପାଇଁ ତୁମକୁ ଗୋଟିଏ wi fi କାର୍ଡ଼ କମ୍ପ୍ୟୁଟରରେ ଲଗାଇବାକୁ ପଡ଼ିବ । ଯେଉଁଠାରେ ତାର ମାଧ୍ୟମରେ କନେକସନ୍ ନେବାକୁ ସୁବିଧା ନଥାଏ, ସେଠାରେ ଏହା ଦରକାରୀ ହୋଇଥାଏ । ଇଣ୍ଟରନେଟ୍‌ରେ ସଂଯୁକ୍ତ ହେବା ପାଇଁ ତୁମକୁ ଗୋଟିଏ PC (Personal Computer) ଆବଶ୍ୟକ ହୋଇଥାଏ । ଏଥିସହିତ ଆବଶ୍ୟକୀୟ ବ୍ରାଉଜର୍ (browser) ସଫ୍‌ଟୱେୟାର୍, ଟେଲିଫୋନ୍ କନେକସନ୍ କିମ୍ୱା ଲିଜ୍ ଲାଇନ୍, ମୋଡେମ୍ ଆଦି ଆବଶ୍ୟକ ହୋଇଥାଏ ଯାହାକି PCକୁ ଅନ୍ୟ କମ୍ପ୍ୟୁଟର ସହିତ ଭାବବିନିମୟ କରିବାକୁ ସୁଯୋଗ ଦେଇଥାଏ ।

୧୦.୫.୧ ଇଣ୍ଟରନେଟ୍ କନେକସନର ପ୍ରକାର ଭେଦ :

(a) ଡାୟଲ୍-ଅପ୍

ଏହା ISPମାନଙ୍କଠାରୁ ମିଳୁଥିବା ଅତି ସାଧାରଣ କନେକସନ । ଡାୟଲ୍ ଅପ୍ ନମ୍ବରରେ ଫୋନ୍ କରି ସର୍ଭର୍ ସହ ସଂଯୁକ୍ତ ହୋଇ ଇଣ୍ଟରନେଟ୍ ସେବା ପାଇପାରିବ । ଏହାର ଅର୍ଥ ତୁମେ Internet ସହ ସିଧାସଳଖ ସଂଯୁକ୍ତ ନ ହୋଇ ଗୋଟିଏ ଇଣ୍ଟରନେଟ୍ ସେବାପ୍ରଦାନକାରୀ ମାଧ୍ୟମରେ ସଂଯୁକ୍ତ ହେବ ।

(b) ISDN (Integrated Services Digital Network)

ସର୍ଭର୍ ସହ ସଂଯୁକ୍ତ ହେବାପାଇଁ ଏହା dial up ସହ ସମାନ କିନ୍ତୁ ଏହା ଆନାଲୋଗ୍ ଲାଇନ୍ ବଦଳରେ ଡିଜିଟାଲ୍ ଫୋନ୍‌ଲାଇନ ମାଧ୍ୟମରେ ସଂଯୁକ୍ତ ହେବ । ଏହା ପ୍ରାୟ ୧୨୮ Kbps ସ୍ପିଡ୍‌ରେ କାମ କରିବ । ବ୍ୟବହାରକାରୀ ଏକା ସମୟରେ ଫୋନ୍ କରିବା ସହ ଇଣ୍ଟରନେଟ୍ ସେବା ସମାନ ଲାଇନ୍

ମାଧ୍ୟମରେ ନେଇପାରିବେ । ISDN ଆମର ସାଧାରଣ ଟେଲିଫୋନ୍ ଖୁଣ୍ଟରୁ ଆସିଥିବା ଲାଇନ୍ ଜରିଆରେ ଆସିଥାଏ । ଏହି ଲାଇନଟି ଦୁଇଟି 64 kbps ଚାନେଲ୍‌କୁ ମିଶାଇ 128 Kbps ଦେଇଥାଏ ଯାହାକି ପୁଣି ୩ ଭାଗରେ ବିଭକ୍ତ ହୋଇ ଗୋଟିଏ ଫୋନ୍ ରିଂ ହେବାପାଇଁ, ଗୋଟିଏ କଥାବାର୍ତ୍ତା ପାଇଁ ଓ ଗୋଟିଏ ଡାଟା ଟ୍ରାନ୍ସଫର ପାଇଁ ବ୍ୟବହାର ହୁଏ ।

(c) ଲିଜ୍ ଲାଇନ୍ ସଂଯୋଗ (ସିଧାସଳଖ ଇଣ୍ଟରନେଟ୍ ପାଇବା)

ଏହା ଗୋଟିଏ କମ୍ପ୍ୟୁଟରମାନଙ୍କ ମଧ୍ୟରେ ସବୁଦିନିଆ ସଂଯୋଗ (ଗୋଟିଏ CPU କିମ୍ବା LANଏବଂ ଇଣ୍ଟରନେଟ୍) । ଏହା ସାଧାରଣତଃ ବଡ଼ବଡ଼ ଅନୁଷ୍ଠାନ, କର୍ପୋରେଟ୍ ଏବଂ ସରକାରୀ ଏଜେନ୍ସିମାନଙ୍କ ଦ୍ୱାରା ବ୍ୟବହାର ହୁଏ । ଏହା ତୁମ ନିଜର ଇଣ୍ଟରନେଟ୍ ସଂଯୋଗ ସହ ଜଡ଼ିତ ଥାଏ ଏବଂ ପୂର୍ଣ୍ଣକାଳୀନ ଭିତ୍ତିରେ ସିଧାସଳଖ ନେଟଓ୍ୱାର୍କ ସହ ସଂଯୋଗ ରହିବା ପାଇଁ ପଇସା ଦିଆଯାଇଥାଏ । ତେଣୁ ତୁମ କମ୍ପ୍ୟୁଟରଟି ନେଟ୍‌ର ଗୋଟିଏ ଅଂଶ ହୋଇଯାଏ । ଏହାର ଗୋଟିଏ ବଡ଼ ସୁବିଧା ହେଲା ଦିନକୁ ୨୪ ଘଣ୍ଟିଆ ସଂଯୋଗ ଏବଂ ସପ୍ତାହକୁ 7 ଦିନ (24x7) ତଥା ଦ୍ରୁତ ସ୍ପିଡ୍ ଦିଏ । ଇଣ୍ଟରନେଟ୍ ସେବାପ୍ରଦାନକାରୀ ଗୋଟିଏ ସମର୍ପିତ ଲିଙ୍କ୍ ପ୍ରତିଷ୍ଠା କରିବ ଓ ଗୋଟିଏ କମ୍ପ୍ୟୁଟର କଂଟ୍ରୋଲ୍ Router (message director) ତୁମ site ରେ ସ୍ଥାପନ କରିବ । ଗୋଟିଏ routerତୁମ ଲୋକାଲ୍ ନେଟଓ୍ୱାର୍କକୁ ଇଣ୍ଟରନେଟ ସହ ସଂଯୋଗ କରିବ ଓ ତୁମ ନେଟଓ୍ୱାର୍କର ସମସ୍ତ କମ୍ପ୍ୟୁଟରକୁ ଇଣ୍ଟରନେଟ୍ ଯୋଗାଇବ ।

(d) DSL (Digital Subscriber Line or Dedicated Service Line) ବ୍ରଡ୍‌ବ୍ୟାଣ୍ଡ ସଂଯୋଗ:

DSL ସବୁବେଳେ ସକ୍ରିୟ ରହୁଥିବା 'ଡାଟା ସଂଯୋଗ' ଅଟେ, ବର୍ତ୍ତମାନ ସବୁଆଡ଼େ ବହୁଳ ଭାବେ ମିଳିଲାଣି । ଏହା ସବୁଠାରୁ ଭଲ ଇଣ୍ଟରନେଟ୍ ସଂଯୋଗ ଦିଏ । ଏହା ତୁମ ଘର କିମ୍ବା ଅଫିସ୍‌କୁ ଇଣ୍ଟରନେଟ ସହ ସେହି ଗୋଟିଏ ଟେଲିଫୋନ୍ ତାର ଯାହା ଖୁଣ୍ଟରୁ ଘରକୁ ଆସିଥାଏ ତା ମାଧ୍ୟମରେ ସଂଯୋଗ ଦେଇଥାଏ । ISDN ଭଳି DSL ରେ ବ୍ୟବହାରକାରୀ ଏକା ସମୟରେ ଫୋନ୍ କରିପାରିବେ କିମ୍ବା ପାଇପାରିବେ ଯେତେବେଳେ କି ସେମାନେ ଇଣ୍ଟରନେଟ୍ ସହ ସଂଯୁକ୍ତ ହୋଇଥିବେ । Dial up / ISDN ଓ DSL ମଧ୍ୟରେ ପାର୍ଥକ୍ୟ ହେଲା DSL ଗୋଟିଏ ଦ୍ରୁତ Circuit ବ୍ୟବହାର କରେ ଯାହାକି ସାଧାରଣ ଫୋନ୍ କଲ ଓ ଇଣ୍ଟରନେଟ୍ ସିଗ୍‌ନାଲ୍‌କୁ ଫିଲ୍‌ଟରିଂ କରିଥାଏ ।

୧୦.୬ ଇଣ୍ଟରନେଟ୍ କିପରି କାମ କରେ (How does internet work)

ଇଣ୍ଟରନେଟ୍‌ର ଗୋଟିଏ ବିଶେଷଗୁଣ ହେଲା କିପରି ଡାଟାଗୁଡ଼ିକ ଗୋଟିଏ କମ୍ପ୍ୟୁଟରରୁ ଅନ୍ୟ କମ୍ପ୍ୟୁଟରକୁ ଯାଉଛନ୍ତି । ତୁମେ ଆଶ୍ଚର୍ଯ୍ୟ ହେଉଥିବ ସ୍କ୍ରିନ୍ ପଛରେ କି ମ୍ୟାଜିକ୍ କାମ କରୁଛି ଯାହାର ଫଳସ୍ୱରୂପ ଗୋଟିଏ ଓ୍ୱେବ୍ ପେଜ୍ ତୁମେ ଅନୁରୋଧ ପଠାଇବାର କିଛି ସେକେଣ୍ଡ ମଧ୍ୟରେ ତୁମ ପରଦାରେ ଦେଖାଯାଉଛି, କିପରି ଡାଟା ସବୁ ପୃଥିବୀର ଗୋଟିଏ ପାଖରୁ ଅନ୍ୟ ପାଖକୁ ଯାଉଛନ୍ତି ?

ଟିପ୍ପଣୀ

Fig. 10.2

ଏଠାରେ ଗୋଟିଏ ପିସ୍ ଡାଟା (web page)କୁ ଇଣ୍ଟରନେଟ୍‌ରେ ଛଡ଼ାଗଲେ କ'ଣ ଘଟୁଛି ଦେଖାଯାଇଛି ।

- ଏହା ସମାନ ଆକାରବିଶିଷ୍ଟ ବହୁତ ଖଣ୍ଡରେ ବିଭକ୍ତ ହୋଇଥାଏ । (ଏହାକୁ ପ୍ୟାକେଟ୍ କୁହାଯାଏ)
- ପ୍ରତ୍ୟେକ ପ୍ୟାକେଟ୍ ସହ ଗୋଟିଏ ହେଡର୍ ଯୋଗ କରାଯାଇଥାଏ, ଯାହାକି ଏହା କେଉଁଠାରୁ ଆସିଛି, କେଉଁଠି ଶେଷ ହେବ ଏବଂ ଅନ୍ୟ ପ୍ୟାକେଟ୍ ସହ କିପରି ଫିଟ୍ ହେବ ଦର୍ଶାଇଥାଏ ।
- ପ୍ରତ୍ୟେକ ପ୍ୟାକେଟ୍‌କୁ କମ୍ପ୍ୟୁଟରରୁ କମ୍ପ୍ୟୁଟରକୁ ପଠାଯାଇଥାଏ ଯେତେବେଳଯାଏ କି ଏହା ତା'ର ଲକ୍ଷ୍ୟସ୍ଥଳକୁ ନ ପାଇଛି । ପ୍ରତ୍ୟେକ କମ୍ପ୍ୟୁଟର ଏହିଭଳି ଭାବରେ ପୁଣି କେତେବେଳେ ପ୍ୟାକେଟ୍ ପଠାଯିବ ସ୍ଥିର କରିଥାଆନ୍ତି । ଏହା ପ୍ୟାକେଟ୍ ପାଇବା ବେଳେ କମ୍ପ୍ୟୁଟରଟି କେତେ ବ୍ୟସ୍ତ ରହୁଛି ତା' ଉପରେ ନିର୍ଭର କରିଥାଏ । ସମସ୍ତ ପ୍ୟାକେଟ୍ ସେହି ଗୋଟିଏ ରାସ୍ତା ଦେଇ ନଯାଇପାରେ ।
- ଲକ୍ଷ୍ୟସ୍ଥାନରେ ପ୍ୟାକେଟଗୁଡ଼ିକ ପରିକ୍ଷିତ ହୋଇଥାନ୍ତି । ଯଦି କୌଣସି ପ୍ୟାକେଟ୍ ନଥିବ କିମ୍ବା ଖରାପ ହୋଇଯାଇଥିବ ତେବେ ଗୋଟିଏ ବାର୍ତ୍ତା ସେହି ପ୍ୟାକେଟ୍‌କୁ ପୁଣି ଥରେ ପଠାଇବା ପାଇଁ ଯିବ । ଏହା ପୁରା ପ୍ୟାକେଟ୍ ପହଞ୍ଚିବା ଯାଏ ଚାଲିଥାଏ ।
- ପ୍ୟାକେଟ୍‌ଗୁଡ଼ିକ ତା'ର ମୂଳ ଫର୍ମକୁ ଆସିବା ପାଇଁ ପୁନଃ ମିଶ୍ରଣ ହୁଏ ।

ପ୍ରତ୍ୟେକ କମ୍ପ୍ୟୁଟର ଇଣ୍ଟରନେଟ୍ ସହ ସଂଯୁକ୍ତ ହେବାପାଇଁ TCP / IP (Transmission Control Protocol / Internet Protocol) ସଫ୍ଟୱେୟାର୍ ବ୍ୟବହାର କରିଥାଆନ୍ତି, ଯାହାକି ପ୍ୟାକେଟ୍‌କୁ ପଠାଇବା, ପାଇବା ଏବଂ ଚେକ୍ କରିବା ଆଦି କରିଥାଏ । TCP/IP ଇଣ୍ଟରନେଟ୍ ସହ ଘନିଷ୍ଠ ଭାବେ ଯୋଡ଼ିଥାଏ ।

ଟିପ୍ପଣୀ

୧୦.୭ ଇଣ୍ଟରନେଟ୍‌ରେ ବହୁ ସମୟରେ ବ୍ୟବହାର କରାଯାଉଥିବା ଶବ୍ଦାବଳୀ

ଏହି ଅଂଶରେ ଆମେ ସାଧାରଣ ଭାବେ ବ୍ୟବହାର କରାଯାଉଥିବା ଇଣ୍ଟରନେଟ୍‌ର ଶବ୍ଦାବଳୀ ବିଷୟରେ ଆଲୋଚନା କରିବା ଯାହାକି ଇଣ୍ଟରନେଟ୍‌ର ବିଭିନ୍ନ ଜ୍ଞାନକୌଶଳ ସହ ସେମାନଙ୍କର ସଂପର୍କ ବିଷୟରେ ବୁଝିବାରେ ସାହାଯ୍ୟ କରିବ ।

ୱାର୍ଲଡ୍ ୱାଇଡ୍ ୱେବ୍ (World Wide Web.www) – ୱାର୍ଲଡ୍ ୱାଇଡ୍ ୱେବ୍ (www କିମ୍ବା ୱେବ୍) ଗୋଟିଏ ବୁଢ଼ିଆଣୀ ଜାଲ ପରି ସଂଯୁକ୍ତ ହୋଇଥିବା ବୈଦ୍ୟୁତିକ ଡକୁମେଣ୍ଟ (ୱେବ୍‌ପେଜ୍ କୁହାଯାଏ) ମାନଙ୍କର ସମାହାର ଅଟେ । ଏହି ଡକୁମେଣ୍ଟଗୁଡ଼ିକ ପୃଥିବୀର ଚାରିପଟେ ଥିବା କମ୍ପ୍ୟୁଟରରେ ଗଚ୍ଛିତ ହୋଇଥାଏ ଯାହାକୁ ସର୍ଭର୍ (server) କୁହାଯାଏ ।

ୱେବ୍ ସର୍ଭର୍ (Web server) – ୱେବ୍ ସର୍ଭରଟି ଗୋଟିଏ କମ୍ପ୍ୟୁଟର ଅଟେ । ତାହା ୱେବ୍‌ପେଜ୍ ଗୁଡ଼ିକୁ ଗଚ୍ଛିତ କରି ରଖିଥାଏ । ଏହା ବ୍ୟବହାରକାରୀ ଓ ସର୍ଭର୍ ମାନେ ୱେବ୍‌ପେଜ୍ ମାଧ୍ୟମରେ ପଠାଉଥିବା ଅନୁରୋଧକୁ ଗ୍ରହଣ କରିବା ଦାୟିତ୍ୱ ବହନ କରିଥାଏ । ଦୁଇଟି ଗୁରୁତ୍ୱପୂର୍ଣ୍ଣ ୱେବ୍ ସର୍ଭର ହେଲା : ITS ଏବଂ Apache ଇତ୍ୟାଦି । ୱେବ୍‌ସର୍ଭର୍‌ଗୁଡ଼ିକ ଦିନକୁ ୨୪ ଘଣ୍ଟା ଓ ସପ୍ତାହକୁ ୭ ଦିନ ଇଣ୍ଟରନେଟ୍‌ରେ ସଂଯୁକ୍ତ ହୋଇଥାନ୍ତି ।

ହାଇପର୍ ଲିଙ୍କ୍ (Hyperlink) – ଏହା ବୈଦ୍ୟୁତିକ ଡକୁମେଣ୍ଟର ଗୋଟିଏ ଉପାଦାନ ଯାହାକି ସେହି ସମାନ ଡକୁମେଣ୍ଟରେ ଅନ୍ୟ ଯାଗାକୁ ସଂଯୁକ୍ତ କରେ କିମ୍ବା ପୁରାପୁରି ଅନ୍ୟ ଡକୁମେଣ୍ଟକୁ କିମ୍ବା ଅନ୍ୟ ଉତ୍ସକୁ ସଂଯୁକ୍ତ କରିଥାଏ । ହାଇପର୍ ଲିଙ୍କ୍‌ଗୁଡ଼ିକ ସାଧାରଣତଃ ଅଣ୍ଡରଲାଇନ୍ ହୋଇଥିବା ଲେଖା ବା ଅନ୍ୟ ରଙ୍ଗର ଲେଖା ଦ୍ୱାରା ଲେଖାଯାଇଥିବା ଦେଖାଯାଏ । ଏହା ଗ୍ରାଫିକ୍ସ ମାଧ୍ୟମରେ ମଧ୍ୟ ଦେଖାଯାଏ ଯେମିତିକି ବଟନ୍‌ରେ କ୍ଲିକ୍ କରିପାରିବ । ହାଇପର୍ ଲିଙ୍କ୍ ଅନ୍ୟ ଯାଗାକୁ ସମାନ ପେଜ୍‌ରେ କିମ୍ବା ଅନ୍ୟ ପେଜ୍‌ରେ, ସଂଯୁକ୍ତ ହେବାପାଇଁ, ଦୃଶ୍ୟଶ୍ରାବ ଗେମ୍ ଖେଳିବା ପାଇଁ, ଫାଇଲ୍ ଡାଉନ୍‌ଲୋଡ୍, ଇ-ମେଲ୍ ଆଡ୍ରେସ୍‌ରେ ବାର୍ତ୍ତା ପଠାଇବା ପାଇଁ କିମ୍ବା ଅନ୍ୟ ଇଣ୍ଟରନେଟ୍ ଉତ୍ସ ସହ ସଂଯୁକ୍ତ ହେବାପାଇଁ ବ୍ୟବହାର ହୋଇଥାଏ ।

HTML (Hyper text mark up language)– ଏହା ଗୋଟିଏ ଲାଙ୍ଗୁଏଜ୍ ଅଟେ ଯାହାକି ଟ୍ୟାଗ୍ (Tag)ନାମରେ କିଛି କି ୱାର୍ଡ୍ ସାହାଯ୍ୟରେ ୱେବ୍ ପାଇଁ ଡକୁମେଣ୍ଟ ଲେଖିବାରେ ସାହାଯ୍ୟ କରେ ।

Web page – ୱେବ୍‌ପେଜ୍ ଗୋଟିଏ ବୈଦ୍ୟୁତିକ ଡକୁମେଣ୍ଟ ଯାହାକି HTML (Hyper Text Mark up Language) ନାମକ କମ୍ପ୍ୟୁଟର language ଦ୍ୱାରା ଲେଖାଯାଇଥାଏ । ୱେବ୍‌ପେଜ୍ ଲେଖା, ଚିତ୍ର, ଭିଡିଓ, ଆନିମେସନ୍, ସାଉଣ୍ଡ ଆଦି ଧରି ରଖିପାରେ । ପ୍ରତ୍ୟେକ ପେଜର୍ ନିର୍ଦ୍ଦିଷ୍ଟ ଆଡ୍ରେସ୍ ଥାଏ ତାକୁ URL (Uniform Resource Locator) କୁହାଯାଏ । ଏହା ୱେବ୍ ସର୍ଭର୍‌ରେ page କୁ ଚିହ୍ନଟ କରିଥାଏ । ୱେବ୍‌ପେଜ୍‌ରେ ଅନ୍ୟ ପେଜ୍‌କୁ ଯିବା ପାଇଁ ହାଇପର୍ ଲିଙ୍କ୍ ଥାଏ ।

ୱେବ୍‌ସାଇଟ୍ (Website) କୌଣସି ନିର୍ଦ୍ଦିଷ୍ଟ କମ୍ପାନୀ, ଅନୁଷ୍ଠାନ, ସରକାର କିମ୍ବା ବ୍ୟକ୍ତିବିଶେଷଙ୍କର ନିଜସ୍ୱ ୱେବ୍ ପେଜଗୁଡ଼ିକୁ ନେଇ ୱେବ୍‌ସାଇଟ୍ ଗଠିତ ହୋଇଥାଏ । ୱେବ୍‌ସାଇଟ୍‌ର ପ୍ରଥମ ପେଜ୍‌କୁ home page କୁହାଯାଏ । ଏହା ଗୋଟିଏ index ଭଳି କାମ କରେ କିମ୍ବା site ର ବିଷୟବସ୍ତୁ ଦର୍ଶାଇଥାଏ ।

ଟିପ୍ପଣୀ

By default ହୋମ୍‌ପେଜ୍ Index.html ନାମରେ ନାମିତ ହୋଇଥାଏ । ହୋମ୍ ପେଜରୁ ହାଇପର୍ ଲିଙ୍କ୍ କ୍ଲିକ୍ କରି ଅନ୍ୟ ପେଜ୍‌କୁ ଯାଇପାରିବ ।

URL (Uniform Resource Locator) : ପ୍ରତ୍ୟେକ ୱେବ୍‌ପେଜ୍‌ର ନିର୍ଦ୍ଦିଷ୍ଟ ଆଡ୍ରେସ୍ ଥାଏ ତାକୁ URL କୁହାଯାଏ । URLଟି ୱେବ୍‌ସାଇଟ୍‌ର କେଉଁଠାରେ ପେଜ୍‌ଟି ଗଚ୍ଛିତ ଅଛି ଦର୍ଶାଇଥାଏ । ଗୋଟିଏ URLର ସାମ୍ପୁଲ ନିମ୍ନପ୍ରକାର ହେବ ।



Fig. 10.3

IP (Internet Protocol) ଆଡ୍ରେସ୍ – କମ୍ପ୍ୟୁଟର ଅକ୍ଷର କିମ୍ବା ଚିହ୍ନକୁ ବୁଝିପାରେନାହିଁ ଯାହାକି ଲୋକମାନେ ଭାବ ବିନିମୟ ପାଇଁ ବ୍ୟବହାର କରିଥାନ୍ତି । କମ୍ପ୍ୟୁଟର କିନ୍ତୁ ନିର୍ଦ୍ଦିଷ୍ଟ ଭାବରେ '୦' ଓ '୧'କୁ ବୁଝିଥାଏ । ତେଣୁ ପ୍ରତ୍ୟେକ ହୋଷ୍ଟ (host) ଯାହାକି ଇଣ୍ଟରନେଟ୍‌ରେ ଲାଗିଥିବା କମ୍ପ୍ୟୁଟରମାନଙ୍କର ନିର୍ଦ୍ଦିଷ୍ଟ host ନମ୍ବର ଥାଏ ତାକୁ IP ଆଡ୍ରେସ୍ କହନ୍ତି ।

IP ଆଡ୍ରେସ୍ ଗୋଟିଏ ଅଦ୍ୱିତୀୟ ନମ୍ବର ଅଟେ । ସାଧାରଣତଃxxx.xxx.xxx.xxx ଫର୍ମାଟ୍‌ରେ ଏହା ଲେଖାଯାଇଥାଏ । .xxx. ଗୁଡ଼ିକ '୦'ରୁ '୨୫୫' ମଧ୍ୟରେ ଥିବା ତିନିଟିକିଆ ନମ୍ବର ଅଟେ । ଉଦାହରଣସ୍ୱରପ : ୧୯୨.୧୦୦.୮.୫୬

DNS (Domain Name System) ପ୍ରତ୍ୟେକ ହୋଷ୍ଟ କମ୍ପ୍ୟୁଟରର ଅଦ୍ୱିତୀୟ IP ଆଡ୍ରେସ୍ ଥାଏ । ତୁମେ ଯେକୌଣସି ହୋଷ୍ଟ ସହ ଏହି .. ଆଡ୍ରେସ୍ ମାଧ୍ୟମରେ ସଂଯୁକ୍ତ ହୋଇପାରିବ । ଚାରିଟିକିଆ IP ଆଡ୍ରେସଗୁଡ଼ିକୁ ମନେରଖିବା କଷ୍ଟକର ହୋଇଥିବା ହେତୁ ଏହାର ସମାଧାନ ପାଇଁ Domain name କୁ ବ୍ୟବହାର କରାଯାଏ । ଡୋମେନ୍ ନେମ୍ ହେଲା ଇଣ୍ଟରନେଟ୍‌ରେ ସଂଯୁକ୍ତ ହୋଇଥିବା ଯେକୌଣସି ଗୋଟିକିଆ ହୋଷ୍ଟ କମ୍ପ୍ୟୁଟରର ଅଦ୍ୱିତୀୟ ନାମ । ତେଣୁ ବର୍ତ୍ତମାନ ଇଣ୍ଟରନେଟ୍ ସହ ସଂଯୁକ୍ତ ହୋଇଥିବା ଯେକୌଣସି କମ୍ପ୍ୟୁଟରର ଡୋମେନ୍ ନେମ୍ ଏବଂ IP ଡ୍ରେସ୍ ଦୁଇଟିଯାକ ରହିଛି । ଯେକୌଣସି ହୋଷ୍ଟ କମ୍ପ୍ୟୁଟର ସହ ସଂଯୁକ୍ତ ହେବାପାଇଁ ଡୋମେନ ନେମ୍‌କୁ ବ୍ୟବହାର କଲେ ସେଥିରେ କିଛି ମେକାନିଜିମ୍ ଦରକାର ପଡ଼ିଥାଏ ଯାହାକି ଡୋମେନ୍ ନେମ୍‌କୁ IP ଆଡ୍ରେସ୍‌ରେ ପରିଣତ କରିପାରିଥାଏ । ନାମରୁ

ଆଡ୍ରେସ୍‌କୁ ପରିବର୍ତ୍ତନ କରିବା ପାଇଁ ଡୋମେନ୍ ନେମ୍ ସିଷ୍ଟମ୍ ଗୋଟିଏ ଷ୍ଟାଣ୍ଡାର୍ଡ୍ ଅଟେ । ଡୋମେନ୍ ନେମ୍ ଏବଂ IP ଆଡ୍ରେସ୍‌ର ଟ୍ରାନ୍‌ସ୍‌ଲେସନ୍ ପାଇଁ ଏହା ଅଧିକ ଭାବେ ବ୍ୟବହାର କରାଯାଏ ।

୧୦.୮ ଇଣ୍ଟରନେଟ୍ ଆଡ୍ରେସ୍‌କୁ ଜାଣିବା

ଆଡ୍ରେସ୍‌ଗୁଡ଼ିକ ଗୋଟିଏ ବାଟ ଅଟେ, ଯାହାଦ୍ୱାରା କି ଆମେ ନେଟ୍‌ରେ ଅଦ୍ୱିତୀୟ ଥିବା ଯାଗାକୁ କିମ୍ବା ଜଣେ ବ୍ୟକ୍ତିକୁ ଚିହ୍ନଟ କରିପାରିବା । ଏକ ବହୁ ସାଦୃଶ୍ୟ ଥିବା ଆଡ୍ରେସ ହେଲା ତୁମ ଘର ଠିକଣା । ଏହା ଯେତେବେଳେ ପୂର୍ଣ୍ଣରୂପେ ଦିଆଯିବ, ସେତେବେଳେ ତୁମେ କେଉଁଠାରେ ବାସ କରୁଛ ଚିହ୍ନଟ କରାଯାଇ ପାରିବ । ଯଦି କେହି ତୁମକୁ ଦେଖାକରିବାକୁ (visit) କିମ୍ବା କିଛି ପଠାଇବାକୁ ଚାହିଁଲେ ସେମାନେ ନିଶ୍ଚିତ ରୂପେ ତୁମର ଠିକଣା ଜାଣିଥିବା ଆବଶ୍ୟକ । ଇଣ୍ଟରନେଟରେ ଠିକ୍ ଏହିଭଳି ହୁଏ । ଯଦିକେହି ତୁମକୁ କିଛି ପଠାଇବାକୁ, ଯେମିତିକି e-mail ଚାହିଁଲେ ସେମାନେ ନିଶ୍ଚିତ ରୂପେ ତୁମର ଠିକଣା ଯାଣିଥିବା ଆବଶ୍ୟକ । ଯଦି କେହି ଇଣ୍ଟରନେଟରେ ଥିବା କଂପ୍ୟୁଟରରୁ କିଛି ଆଣି ବାକୁ ଚାହିଁବ ତେବେ ସେମାନେ କପ୍ୟୁଟରର ଡୋମେନ ନେମ କିମ୍ବା ID ଆଡ୍ରେସ୍ ଜାଣିଥିବା ଆବଶ୍ୟକ ।

ଉଦାହରଣ ସ୍ୱରୁପ www. nios.ac.in ଗୋଟିଏ ଡୋମେନ ନେମ । ଏହାର Host କଂପ୍ୟୁଟରର ନାମ ହେଲା nios ଓ ଏହା ଶିକ୍ଷାର (.ac) ଏବଂ India(in) ନାମକ ଜୋଗ୍ରାଫିକାଲ ଡୋମେନ ଅଟେ ।



Fig. 10.4

ଯଦି ତୁମେ ଡାହାଣ ପଟୁ ପଢ଼ିବ ତେବେ ହୋଷ୍ଟ କମ୍ପ୍ୟୁଟରରେ ପହଞ୍ଚିବା ପରେ ନାମଟି ଅଧିକ ନିର୍ଦ୍ଦିଷ୍ଟ ହେବ । ସବା ଡାହାଣକୁ ଥିବା (ଉପର ଉଦାହରଣରେ . in ଗୋଟିଏ ଦେଶର କୋଡ଼) ଶବ୍ଦଟି ଗୋଟିଏ ଅରଗାନାଇଜେସନ କିମ୍ବା ଦେଶର କୋଡ଼ ହୋଇଥିବ ।

ଉଦାହରଣ : www.yahoo.com(.com - commercial organization), ବିଭିନ୍ନ ପ୍ରକାର ଅରଗାନାଇଜେସନାଲ ଏବଂ ଜିଓଗ୍ରାଫିକାଲ୍ ଡୋମେନ୍‌ଗୁଡ଼ିକ ନିମ୍ନ ପ୍ରକାର ଅଟନ୍ତି ।

ଅର୍ଗାନାଇଜେସନାଲ୍ ଡୋମେନ – ଡୋମେନ୍‌ର ପୁରା ଡାହାଣକୁ ଥିବା ଶବ୍ଦଟି ଗୋଟିଏ କୋଡ୍ ଅଟେ ଯାହାକି ଡୋମେନ୍‌ଟି କେଉଁ ଅର୍ଗାନାଇଜେସନର ତାହା ସୂଚାଇଥାଏ । ବିଭିନ୍ନ ପ୍ରକାର ଅର୍ଗାନାଇଜେସନାଲ୍ ଡୋମେନ୍ ନିମ୍ନରେ ଦିଆଯାଇଛି ।

Domain	Purpose
ac	academic institutions
com	Commercial entities
edu	Educational institutions
gov	Government institutions
net	Network resources
org	Non-profit organizations

Fig. 10.5

ଜିଓଗ୍ରାଫିକାଲ୍ ଡୋମେନ – ଏହା ଡୋମେନ୍‌ଟି କେଉଁ ଦେଶର ତାହା ସୂଚାଇଥାଏ । ଏହି କୋଡ୍‌ଟି କେବଳ ଦୁଇଟି ଅକ୍ଷରବିଶିଷ୍ଟ ଅଟେ । ଏହା ଆନ୍ତର୍ଜାତୀୟ ଦେଶର କୋର୍ଡ୍‌କୁ ପ୍ରତିନିଧିତ୍ୱ କରେ, ସେଥିରୁ କିଛି ହେଲା –

Domain	Country
au	Australia
in	**India**
jp	Japan
uk	United Kingdom
us	United States

Fig. 10.6

୧୦.୯ ୱେବ୍ ବ୍ରାଉଜର୍ (Web Browser)

୧୦.୯.୧ ବ୍ରାଉଜର୍ କ'ଣ ?

World Wide Webକୁ ପାଇବା ପାଇଁ ବ୍ରାଉଜର୍ ହେଲା ଗୋଟିଏ ସଫ୍ଟୱେୟାର୍ । ଗୋଟିଏ Browser client ସଫ୍ଟୱେୟାର୍ ମଧ୍ୟ କୁହାଯାଏ) ଦୂରରେ ଥିବା ୱେବ୍ ସର୍ଭରରୁ ଡାଟାକୁ ବାହାର କରିଥାଏ ଓ ୱେବ୍‌ପେଜ୍‌କୁ ପ୍ରଦର୍ଶନ କରିଥାଏ । ଏହି ଟୁଲ୍ ମାଧ୍ୟମରେ ବ୍ୟବହାରକାରୀ ସେମାନଙ୍କର ଅନୁରୋଧକୁ ସର୍ଭରକୁ ପଠାଇ ସେମାନଙ୍କର ତଥ୍ୟ ହାସଲ କରିଥାନ୍ତି । ସର୍ଭର୍ ସେମାନଙ୍କର ଅନୁରୋଧକୁ ପ୍ରୋସେସ୍ କରେ ଓ ୱେବ୍‌ପେଜ୍ ମାଧ୍ୟମରେ ଆବଶ୍ୟକୀୟ ତଥ୍ୟକୁ ବ୍ୟବହାରକାରୀଙ୍କୁ ପ୍ରଦାନ କରିଥାଏ ।

ବହୁ ଜନାଦୃତ ବ୍ରାଉଜର୍ ହେଲା ଇଣ୍ଟରନେଟ୍ ଏକ୍ସପ୍ଲୋରର୍ ଏବଂ ନେଟ୍ ସ୍କେପ୍ ନାଭିଗେଟର ।

ଗୋଟିଏ ୱେବ୍‌ସାଇଟ୍‌କୁ ସଂଯୁକ୍ତ ହେବା ପାଇଁ ସୋପାନଗୁଡ଼ିକ Fig. 10.1ରେ ଦେଖାଯାଇଛି ଏବଂ ତାକୁ ବର୍ଣ୍ଣନା କରାଯାଇଛି ।

୧. ଗୋଟିଏ ୱେବ୍‌ସାଇଟ୍ ପାଇଁ ବ୍ରାଉଜରରେ, www.nios.ac.in ନାମକ URL ଟାଇପ୍ କର ।

୨. ତୁମ ବ୍ରାଉଜରଟି ସଂଯୁକ୍ତ ହେବା ପାଇଁ ଚେଷ୍ଟାକରିବ ଏବଂ ୱେବ୍‌ସର୍ଭର୍‌କୁ ଅନୁରୋଧ(request) ପଠାଇବ ।

୩. Web server ଏହାକୁ ଗ୍ରହଣ କରିବ ଏବଂ ଅନୁରୋଧ (request)କୁ ପ୍ରୋସେସ୍ କରିବ ।

୪. ୱେବ୍‌ସାଇଟ୍‌ର ହୋମ୍‌ପେଜ୍‌କୁ ଦେଖାଇ ୱେବ୍‌ସର୍ଭର୍ request କୁ ଗ୍ରହଣ କରିବ ।

୫. ଏହି ୱେବ୍‌ପେଜ୍‌ଟି ତୁମ ବ୍ରାଉଜର୍ ମାଧ୍ୟମରେ ଦେଖାହେବ ଏବଂ ତୁମର ବ୍ରାଉଜର୍ ଓ ସର୍ଭର୍ ମଧ୍ୟରେ ଥିବା ସଂଯୋଗ ବନ୍ଦ ହେବ ।



Fig. 10.7 Interaction between a Web browser and a Web Server

୧୦.୯.୨ ମାଇକ୍ରୋସଫ୍ଟ ଇଣ୍ଟରନେଟ୍ ଏକ୍ସପ୍ଲୋରର୍

ଇଣ୍ଟରନେଟ୍ ଏକ୍ସପ୍ଲୋରର ବ୍ରାଉଜରକୁ ଖୋଲିବା ପାଇଁ start→all program→internet explorer ରେ କ୍ଲିକ୍ କର ।

ଟିପ୍ପଣୀ



Fig. 10.8

୧୦.୯.୩ ୱେବ୍‌ପେଜ୍‌କୁ ଗଚ୍ଛିତ କରିବା

ଯେତେବେଳେ ତୁମେ ଗୋଟିଏ ସ୍ଥାନୀୟ ୱେବ୍‌ପେଜ୍‌କୁ ଷ୍ଟୋର୍ କରିବା ପାଇଁ ଚାହିଁବ ୱେବ୍‌ବ୍ରାଉଜର save fill as ବୋଲି ଗୋଟିଏ ଚଏସ୍ ଦେଇଥାଏ ।

- **Text File:** ଏହା ଲେଖାଟିକୁ ସଜାଇବା ବିନା କିମ୍ବା ଚିତ୍ର ବିନା ଏବଂ କୌଣସି ୱାର୍ଡ୍‌କୁ ଲିଙ୍କ୍ କରାଯାଇପାରିବ ବୋଲି ନ ଦର୍ଶାଇ କିମ୍ବା କେଉଁଠିକି ଯିବ ନ ଜଣାଇ ସେଭ୍ କରେ ।
- **Web page:** ଏହା ଚିତ୍ରଛଡ଼ା ଫାଇଲକୁ HTML - file ରେ ସମସ୍ତ ଲିଙ୍କ୍‌ଗୁଡ଼ିକୁ ଠିକ୍ ଯାଗାରେ ପହଞ୍ଚାଇବାରେ ପରିବର୍ତ୍ତନ କରେ ।
- **Web page complete:** ଏହା HTML fileରେ ସେଭ୍‌କରେ, ଚିତ୍ରଗୁଡ଼ିକୁ ସେଭ୍ କରିବା ସହିତ ସେମାନଙ୍କର reference କୁ ଚଳାଇଥାଏ । ଇଣ୍ଟରନେଟ୍ ଏକ୍ସପ୍ଲୋରର୍‌ରେ ଅଲଗା ଫୋଲ୍‌ଡର ତିଆରି ହୁଏ ।
- **Web Archive, single file:** ଏହା HTML ଫାଇଲ୍‌କୁ ସେଭ୍ କରିବା ସହିତ ସମସ୍ତ ଚିତ୍ର, ଷ୍ଟାଇଲ୍ ସିଟ୍, ସ୍କ୍ରିପ୍ଟ ଇତ୍ୟାଦିକୁ .MHT ଫାଇଲ୍‌ରେ ସେଭ୍ କରିବ । ଏହାକୁ Internet Explorer ସମର୍ଥନ କରେ ।

୧୦.୧୦ ଫାଇଲକୁ ଡାଉନଲୋଡ଼ିଂ କରିବା

ଆପ୍ଲିକେସନ୍ ପ୍ଲଗ୍-ଇନ୍, ଗେମ୍‌ସ୍ ଓ ଅନ୍ୟ କିଛି ଇଣ୍ଟରନେଟ୍‌ରୁ ଡାଉନଲୋଡ଼ କରିବା ପାଇଁ ନିମ୍ନ ସୋପାନଗୁଡ଼ିକୁ ଅନୁସରଣ କର ।

Fig. 10.9

ଯଦି ତୁମର ନାହିଁ ତେବେ Temporary file ନାମରେ ଗୋଟିଏ ଫାଇଲର ଫୋଲ୍‌ଡର Window Explores କୁ ଖୋଲି ତିଆରି କର । Hard drive ରେ ହାଇଲାଇଟ୍ କରି (ପ୍ରକାରଗତ ଭାବରେ 'c' ଡ୍ରାଇଲ୍) File → New→Floder କୁ ଚୟନ କର ।

ଯେତେବେଳେ ଫୋଲ୍‌ଡରଟି ଦେଖାଯିବ ତାକୁ Temporary File ନାମ ଦିଅ ।

Fig. 10.10

ତୁମେ ଯେତେବେଳେ ଗୋଟିଏ ସଫ୍ଟୱେୟାରକୁ ପାଇସାରିବା ପରେ ଡାଉନଲୋଡ୍ କରିବାକୁ ଚାହିଁବ, ତେବେ ଡାଉନଲୋଡ୍ ପ୍ରୋସେସ୍ ଆରମ୍ଭ ପାଇଁ ଲିଙ୍କରେ କ୍ଲିକ୍ କର ।



Fig. 10.11

ତୁମେ ଫାଇଲ୍‌ଟିକୁ କେଉଁଠାରେ ସେଭ୍ କରିବ ତାହା ଯଦି ପଚରାଯିବ ତେବେ ତୁମେ ହାର୍ଡ୍ ଡ୍ରାଇଭ୍‌ରେ ଥିବା Temporary File ଚିହ୍ନଟ କରି ତା ଉପରେ ଡବଲ୍ କ୍ଲିକ୍ କରି ତାକୁ open କର ।

Save ରେ କ୍ଲିକ୍ କର ।



Fig. 10.12

ଯଦି ତୁମେ ବୋର୍ ହୋଇଯାଇଛ ତେବେ ଫାଇଲ୍‌ଟି ଡାଉନ୍‌ଲୋଡ୍ ହେଲାବେଳେ ଦେଖିପାରିବ ।

Fig. 10.13

ଟିପ୍ପଣୀ



Fig.10.14

ଡାଉନ୍‌ଲୋଡ୍ ସରିଯିବା ପରେ ତୁମକୁ ସଫ୍ଟୱେୟାରକୁ ଇନ୍‌ଷ୍ଟଲ୍ କରିବା ପାଇଁ ପଡ଼ିବ ।

କେବଳ windows explorer କୁ ଛାଡ଼ି ଅନ୍ୟ ସମସ୍ତ ଚାଲୁଥିବା ପ୍ରୋଗ୍ରାମଗୁଡ଼ିକୁ ବନ୍ଦ କର । ତୁମେ ଡାଉନଲୋଡ୍ କରିଥିବା ଫାଇଲଟିକୁ ପାଇସାରିବା ପରେ ତା ଉପରେ ଡବଲ୍ କ୍ଲିକ୍ କର ।

ଇନ୍‌ଷ୍ଟାଲେସନ୍ କରିବା ପାଇଁ କେତେଗୁଡ଼ିଏ ଇନ୍‌ଷ୍ଟଲେସନ୍ ନିର୍ଦ୍ଦେଶ ଏହି ପ୍ରୋସେସ୍‌ରେ ଦେଖାଯିବ ।



Fig. 10.15

ନୂଆ ଆପ୍ଲିକେସନ୍ ପ୍ରୋଗ୍ରାମ୍ ସାଧାରଣତଃ ପ୍ରୋଗ୍ରାମ୍ ଫାଇଲ୍‌ରେ ଇନଷ୍ଟଲ୍ ହୋଇଥାନ୍ତି । ପ୍ଲଗ୍-ଇନ୍‌ଗୁଡ଼ିକ ବ୍ରାଉଜର୍ ଫୋଲ୍‌ଡରରେ ରୁହେ ।

ସଫ୍ଟୱେୟାରଟି ଇନ୍‌ଷ୍ଟଲ୍ ହୋଇସାରିବା ପରେ temporary file ଥିବା ଫୋଲ୍‌ଡରକୁ ଡିଲିଟ୍ କରି ହାର୍ଡ଼ ଡ୍ରାଇଭରରେ ଅଧିକ ଶୂନ୍ୟସ୍ଥାନ କରିପାରିବ ।

Fig. 10.16

୧୦.୧ ଇଣ୍ଟରନେଟ୍‌ର ବିଭିନ୍ନ ସେବା ପ୍ରଦାନ

ସର୍ଚ୍ଚ ଇଞ୍ଜିନ୍ (Search Engine)

ଇଣ୍ଟରନେଟ୍ ଗୋଟିଏ ଆଶ୍ଚର୍ଯ୍ୟଜନକ ଉତ୍ସ ଯାହାକି ସମସ୍ତ ପ୍ରକାର ତଥ୍ୟକୁ ପାଇବାରେ ସାହାଯ୍ୟ କରୁଛି । ଏଥିରେ ରହିଥିବା ତଥ୍ୟର ପରିମାଣ ଏତେ ଅଧିକ ଯେ ତୁମେ ଠିକ୍ ଭାବେ କେଉଁ ତଥ୍ୟକୁ ଖୋଜୁଛ ତାହା ଠିକ୍ କରିବା ଏକ ବିରକ୍ତିକର ସମସ୍ୟା ତେବେ ଏହାର ଉତ୍ତର ହେଲା ସର୍ଚ୍ଚ ଇଞ୍ଜିନ୍ (Search Engine) । ଗୋଟିଏ ସର୍ଚ୍ଚ ଇଞ୍ଜିନ୍ ଏକ ପ୍ରୋଗ୍ରାମ୍ ଅଟେ ଯାହାକି World Wide Web Engine ରେ ସଂଯୁକ୍ତ ହୋଇଥିବା କମ୍ପ୍ୟୁଟରର ତଥ୍ୟକୁ ଖୋଜି ପାଇବାରେ ସାହାଯ୍ୟ କରେ । ସର୍ଚ୍ଚ ଇଞ୍ଜିନ୍‌ଟି କିଛି ସର୍ତ୍ତଯୁକ୍ତ ଲେଖା ତୁମଠାରୁ ମାଗିବ ଏବଂ ଏହା ସହିତ ସମ୍ବନ୍ଧୀୟ, ଯାହାକି କିଛି ମାନଦଣ୍ଡ ସହ ମିଶୁଛି ତା'ର ଲିଷ୍ଟକୁ ବାହାର କରିବ ।



କେତେକ ଗୁରୁତ୍ୱପୂର୍ଣ୍ଣ ସର୍ଚ୍ଚ ଇଞ୍ଜିନ୍‌ଗୁଡ଼ିକ ହେଲା

ଗୁଗୁଲ (http://www.google.com), ୟାହୁ (http://www.yahoo.com), ଏମ୍‌ଏସ୍‌ଏନ୍ ସର୍ଚ୍ଚ (http://search.msn.com), askjeeves (http://www.askjeeves.com, ଅଲ୍‌ଟାଭିସ୍ତା (http://www.altavista.com) ।

ଇ-ମେଲ୍ (Electronic Mail)

Fig. 10.17

ଇ-ମେଲ୍ ବା ଇଲେକ୍ଟ୍ରୋନିକ୍ ମେଲ୍ କାଗଜ ବିନା ଗୋଟିଏ ବାର୍ତ୍ତା ଚିଠି, ଭିଡିଓ, ଚିତ୍ର ଆଦି ଇଣ୍ଟରନେଟ୍ ସାହାଯ୍ୟରେ ଓ ଏକାସମୟରେ ଜଣକଠାରୁ ଜଣକୁ କିମ୍ବା ଅନେକଙ୍କୁ ପଠାଇବାର ପ୍ରଣାଳୀ । ପୋଷ୍ଟ ଅଫିସ୍‌ଠାରୁ ଇ-ମେଲ୍ ଅତ୍ୟନ୍ତ କ୍ଷୀପ୍ର, ସହଜ ଓ ବହୁତ କମ୍ ଖର୍ଚ୍ଚ ଅଟେ । ଏହା ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ମାତ୍ର କେଇ ସେକେଣ୍ଡ ନିଏ । ଏହା ଦିନକୁ ୨୪ ଘଣ୍ଟା ଓ ସପ୍ତାହକୁ ୭ଦିନ କାମ କରେ । ଇଣ୍ଟରନେଟ୍‌ରେ ବହୁତଗୁଡ଼ିଏ ଇଣ୍ଟରନେଟ୍ ବେସ୍‌ଡ୍ ଇ-ମେଲ୍ ସର୍ଭିସ୍ ମିଳୁଛି ।

ସେଥିମଧ୍ୟରୁ କିଛି ହେଲା-

ୟାହୁ ମେଲ୍ (http://www.mail.yahoo.com), ହଟ୍‌ମେଲ୍ (http://www.hotmail.com), ଜିମେଲ୍ (http://www.gmail.com), ରେଡଇଫ୍ ମେଲ୍ (http://www.rediffmail.com) ଇତ୍ୟାଦି ।

ଇ-ମେଲ୍ କିପରି କାମ କରେ ? (How does e-mail works?)

Fig.10.18

ଠିକ୍ ଚିଠି ଯେପରି ଗଲାବେଳେ ବିଭିନ୍ନ ପୋଷ୍ଟରେ ରହି ରହି ତା'ର ଗନ୍ତବ୍ୟ ସ୍ଥଳରେ ପହଞ୍ଚେ, ଠିକ୍ ସେମିତି ଇ-ମେଲ୍ mail server କମ୍ପ୍ୟୁଟରରୁ ବିଭିନ୍ନ କମ୍ପ୍ୟୁଟର ହୋଇ ଇଣ୍ଟରନେଟ୍ ମାଧ୍ୟମରେ ଆସି ପହଞ୍ଚେ । ଯେତେବେଳ ଯାଏ ବ୍ୟବହାରକାରୀ ଚିଠିଟିକୁ ନଦେଖିଛି, ଏହା ଥରେ ଆସି ଗନ୍ତବ୍ୟ ମେଲ୍ ସର୍ଭର୍ କମ୍ପ୍ୟୁଟରରେ ପହଞ୍ଚିଲା ପରେ ସେଠାରେ ମେଲ୍-ବକ୍ସରେ ଗଚ୍ଛିତ ହୋଇଯାଏ । ଏହି ପୁରା ପ୍ରକ୍ରିୟାଟି କିଛି ସେକେଣ୍ଡ ମଧ୍ୟରେ ସମାହିତ ହୁଏ ଓ ତୁମକୁ ପୃଥିବୀସାରା ଥିବା ଲୋକଙ୍କ ସହିତ ଦିନ କିମ୍ବା ରାତିରେ ଶୀଘ୍ର ବାର୍ତ୍ତା ବିନିମୟ କରିବାପାଇଁ ଅନୁମତି ଦିଏ ।

ବାର୍ତ୍ତା ପଠାଇବା ଓ ପାଇବା (Sending and receiving messages)

ଟିପ୍ପଣୀ

ଗୋଟିଏ ଇ-ମେଲ୍ ପାଇବା ପାଇଁ ତୁମକୁ ମେଲ୍ ସର୍ଭର୍‌ରେ ଗୋଟିଏ ଆକାଉଣ୍ଟ ଖୋଲିବାକୁ ପଡ଼ିବ । ଏହା ଠିକ୍ ଚିଠି ପାଇବା ପାଇଁ ଲେଖୁଥିବା ଯାଗାର ଆଡ୍ରେସ୍ ଭଳି । ସାଧାରଣ ମେଲ୍‌ଠାରୁ ଇ-ମେଲ୍‌ର ସୁବିଧା ହେଲା ପୃଥିବୀର ଯେକୌଣସି ଯାଗାରୁ ଯଦି ଇଣ୍ଟରନେଟ୍ ସୁବିଧା ଅଛି ତୁମେ ମେଲ୍ ପାଇପାରିବ । ମେଲ୍ ସର୍ଭର୍ ସହ ସଂଯୁକ୍ତ ହେବାପରେ ବାର୍ତ୍ତାଗୁଡ଼ିକୁ ତୁମ କମ୍ପ୍ୟୁଟର କିମ୍ୱା ତାରବିହୀନ ଯନ୍ତ୍ରକୁ ଡାଉନଲୋଡ୍ କରିବ ।

ଇ-ମେଲ୍ ପଠାଇବା ପାଇଁ ତୁମକୁ ଇଣ୍ଟରନେଟ୍ ସହ ସଂଯୁକ୍ତ ହେବାକୁ ପଡ଼ିବ ଏବଂ ତୁମ ମେଲ୍ ପଠାଇବା ପାଇଁ ଗୋଟିଏ ମେଲ୍ ସର୍ଭର୍‌ର ଆବଶ୍ୟକତା ପଡ଼ିଥାଏ । ଇଣ୍ଟରନେଟ୍ ଇ-ମେଲ୍ ପଠାଇବା ପାଇଁ ଯେଉଁ ପ୍ରୋଟୋକଲ୍ ବା ନିୟମାବଳୀ ବ୍ୟବହୃତ ହୁଏ ତାକୁ SMTP (Simple Mail Transfer Protocol) କହନ୍ତି । ଏହା POP (Post Office Protocol) ସହ ମିଶି କାର୍ଯ୍ୟ କରେ ।

ଯେତେବେଳେ ତୁମେ ଗୋଟିଏ ଇ-ମେଲ୍ ବାର୍ତ୍ତା ପଠାଉଛ ତୁମ କମ୍ପ୍ୟୁଟର ଏହାକୁ ଗୋଟିଏ SMTP ସର୍ଭରକୁ ପଠାଇବ । ସର୍ଭର ଏହି ଇ-ମେଲ୍ ଆଡ୍ରେସ୍‌କୁ ପରଖିବା ଏବଂ ପାଇବାକୁ ଥିବା ବ୍ୟକ୍ତିଜଣକ ମେଲ୍‌କୁ ନ ଦେଖିବା ଯାଏଁ ଷ୍ଟୋର୍ ହୋଇରହିବ । ତୁମେ ପୃଥିବୀର ଯେକୌଣସି ବ୍ୟକ୍ତିଙ୍କୁ ମେଲ୍ ପଠାଇପାରିବ, ଯଦି ତାଙ୍କର ଗୋଟିଏ ଇ-ମେଲ୍ ଆଡ୍ରେସ୍ ଥିବ ।

ଇ-ମେଲ୍ ଆଡ୍ରେସ୍‌ର ଅଂଶବିଶେଷ :

ଇଣ୍ଟରନେଟ୍ ଇ-ମେଲ୍ ଆଡ୍ରେସ୍‌ର ଦୁଇପ୍ରକାରର ମୁଖ୍ୟ ଅଂଶ ରହିଛି ।

sksharma@yahoo.com

ପ୍ରଥମ ଭାଗଟି ହେଲା userID (sksharma), ତାହା ପାଇବାକୁ ଥିବା ବ୍ୟକ୍ତିର mail box କୁ ସୂଚାଉଛି । ଏହାପରେ @ ଏବଂ ତାପରେ ହୋଷ୍ଟନେମ୍ (yahoo) ଏହାକୁ ଡୋମେନ୍ ନେମ୍ ମଧ୍ୟ କହନ୍ତି । ଏହା ମେଲ୍ ସର୍ଭର୍‌କୁ ସୂଚାଉଛି, ଯେଉଁ କମ୍ପ୍ୟୁଟରରେ ମେଲ୍ ପାଇବାକୁ ଥିବା ବ୍ୟକ୍ତିର ମେଲ୍ box ରହିଥାଏ । ଏହା ସାଧାରଣତଃ କଂପାନୀ କିମ୍ୱା ସଂସ୍ଥାର ନାମ ହୋଇଥାଏ ।

ଡୋମେନ୍ ନେମ୍‌ର ଶେଷରେ ଗୋଟିଏ (.) ଡଟ୍ ଚିହ୍ନ ସହିତ ତିନି କିମ୍ୱା ତତୋଧିକ ଅକ୍ଷର ଥାଏ (ଯେମିତକି .com ଏବଂ .gov) ଯାହାକି ଟପ୍‌ଲେଭଲ୍ ଡୋମେନ୍ (TLD)କୁ ସୂଚାଏ । ଡୋମେନ୍ ନେମ୍‌ର ଏହି ଭାଗଟି ହୋଷ୍ଟ ସର୍ଭର୍ କେଉଁ ଦେଶରେ ଅଛି କିମ୍ୱା କି ପ୍ରକାର ସଂସ୍ଥା, ସୂଚାଇଥାଏ ।

ଇ-ମେଲ୍ ଆକାଉଣ୍ଟ୍ ତିଆରି କରିବା :

ଗୋଟିଏ ଇ-ମେଲ୍ ଆକାଉଣ୍ଟ ପାଇଁ କିଛି ସେକେଣ୍ଡ ଲାଗିବ । ତୁମକୁ ତୁମ ବିଷୟରେ କିଛି ତଥ୍ୟ

ଦେବାକୁ ପଡ଼ିବ ଏବଂ ଆକାଉଣ୍ଟର ନାମ ଓ ପାସ୍‌ୱାର୍ଡ଼ ଠିକ୍ କରିବାକୁ ପଡ଼ିବ । ତୁମର account name ଓ ID ତୁମ ଇ-ମେଲ୍ ଆଡ୍ରେସ୍‌ର ଅଂଶ ହେବ । ତୁମେ ଯଦି ଗୋଟିଏ yahoo account ଖୋଲିବ ଏବଂ 'sksharma'କୁ ତୁମର ID ହିସାବରେ ଠିକ୍ କରିବ ତେବେ ତୁମ ଆଡ୍ରେସଟି 'sksharma@yahoo.com' ହେବ । Account name ଗୁଡ଼ିକ ଅକ୍ଷର ଓ ନମ୍ବର ବ୍ୟବହାର କରିଥାନ୍ତି ଯେମିତିକି "pkp2006", ଏହା ମଧ୍ୟରେ କୌଣସି ଖାଲିସ୍ଥାନ ନଥାଏ ।

କିପରି ଇ-ମେଲ୍‌କୁ ପଢ଼ିବ, ପଠାଇବ ଓ ଉତ୍ତର ଦେବ :

- Web ଆଡ୍ରେସ୍‌ରେ ମେଲ୍ ସୁବିଧା ଦେଉଥିବା ସଂସ୍ଥାର ନାମ type କର । ଉଦାହରଣସ୍ୱରୂପ www.mail.yahoo.com ଏବଂ ତାପରେ ତୁମର user IDଓ ପାସ୍‌ୱାର୍ଡ଼ ଦେଇ ଲଗ୍‌ଇନ୍ ହୁଅ ।



Access Yahoo Mail | Window after Successful Login

Fig. 10.19

ବାର୍ତ୍ତାକୁ ପଠାଇବା :

- Common ବଟନ୍‌ରେ କ୍ଲିକ୍ କରି ଏହାର ସ୍କ୍ରିନ୍‌କୁ ଅନୁସରଣ କର । ଇ-ମେଲ୍ ବାର୍ତ୍ତାଗୁଡ଼ିକ ଠିକ୍ ଚିଠି ଭଳି ଏହାର ଦୁଇଟି ଭାଗ ରହିଛି । Headerରେ ପାଇବାକୁ ଥିବା ବ୍ୟକ୍ତିର ନାମ ଓ ଠିକଣା ରହିବ । ଯେକୌଣସି ବ୍ୟକ୍ତିର ଆଡ୍ରେସ୍ ଯାହାକୁ ଗୋଟିଏ କପି ପଠାଯିବ ଓ ବାର୍ତ୍ତାର ବିଷୟବସ୍ତୁ body ରେ ବାର୍ତ୍ତାଟି ରହିବ ।

Header ବିଭାଗରେ :

- ଇ-ମେଲ୍ ଆଡ୍ରେସ୍‌କୁ ଟାଇପ୍‌କର ଏଥିରେ ଥିବା "to" field ରେ ମେଲ୍ ପାଇବାକୁ ଥିବା ବ୍ୟକ୍ତିର

ଟିପ୍ପଣୀ

ଆଡ୍ରେସ୍‌ଟି ରହିବ । ଅଧିକ ଲୋକଙ୍କ ପାଇଁ ଇ-ମେଲ୍ ଆଦିଗୁଡ଼ିକ କମା (,) ମାଧ୍ୟମରେ ଅଲଗା ଅଲଗା କର । ଅତିକମ୍‌ରେ ଗୋଟିଏ ଇ-ମେଲ୍ ଆଦି ନିଶ୍ଚିତ ଦେବାକୁ ପଡ଼ିବ ।



Send message

Fig. 10.20

- ବାର୍ତ୍ତାର ବିଷୟକୁ 'subject' field ରେ ଟାଇପ୍ କର ।
- ବଡ଼ text box କୁ ବ୍ୟବହାର କରି ତୁମ ବାର୍ତ୍ତାର ବିଷୟବସ୍ତୁଗୁଡ଼ିକୁ ଟାଇପ କର ।
- CC ଫିଲଡ୍‌ରେ ତୁମେ କାର୍ବନ କପି ପଠାଇବାକୁ ଚାହୁଁଥିବା ବ୍ୟକ୍ତିଙ୍କର ଆଡ୍ରେସଗୁଡ଼ିକ ଲେଖ । ଏହା ଦ୍ୱାରା ସମସ୍ତ ଚିଠିପାଇଥିବା ବ୍ୟକ୍ତି କେଉଁ କେଉଁମାନେ ଚିଠି ପାଇଛନ୍ତି ତାହା ଦେଖିପାରିବେ ।
- BCC ଫିଲଡ୍‌ରେ ଇମେଲ ପାଇବାକୁ ଥିବା ବ୍ୟକ୍ତିମାନଙ୍କର ଆଡ୍ରେସ ଲେଖ, ଯେଉଁମାନଙ୍କୁ ତୁମେ Blind carbon copy ପଠାଇବାକୁ ଚାହୁଁଛ । ଏହା ଠିକ୍ 'Cc' ଭଳି କିନ୍ତୁ to ଏବଂ Cc ରେ ଥିବା ଲୋକମାନଙ୍କୁ ଦେଖି ପାରିବନାହିଁ ।
- ଫାଇଲ ଆଟାଚ୍ କରିବା ପାଇଁ attach files ରେ ଓ ଫଟୋ ଆଟାଚ୍ ପାଇଁ insert photos ରେ ଯଦି ଆବଶ୍ୟକ କ୍ଲିକ କର ।

- ବାର୍ତ୍ତାକୁ ପଠାଇବା ପାଇଁ send ବଟନରେ କ୍ଲିକ କର ।

ଗୋଟିଏ ବାର୍ତ୍ତାକୁ ପଢ଼ିବା, ପୁଣିଥରେ ଦେଖିବ ଏବଂ ପଠାଇବ ।

- Check mail କିମ୍ବା Inbox ରେ କ୍ଲକ କରି ଗୋଟିଏ ବର୍ତ୍ତାକୁ ପଢ଼ିପାରିବ । ପୁଣିଥରେ ଦେଖି ପାରିବ । ଏହା ନିମ୍ନ ସ୍କ୍ରିନ ମତେ ଦେଖାଇବ ।



Inbox that holds the email messages



Read message

Fig. 10.21

- Subject ରେ କ୍ଲିକ କରି message କୁ ପଢ଼ିପାରିବ ।
- ପୁଣିଥରେ ଦେଖିବା ପାଇଁ କିମ୍ବା ଆଗକୁ ଯିବା ପାଇଁ ଠିକ ବଟନରେ କ୍ଲିକ କରି ଜଣେ କରିପାରିବ ।

ଟେଲନେଟ (Telnet)

ଟେଲନେଟ ଗୋଟିଏ ନେଟୱାର୍କ ପ୍ରୋଟୋକଲ । ଏହା ଇଣ୍ଟରନେଟ କିମ୍ବା LAN କନେକସନରେ ସଂଯୁକ୍ତ ହୁଏ ।

ଟେଲନେଟ ପ୍ରୋଗ୍ରାମଟି ତୁମ କମ୍ପ୍ୟୁଟରରେ ଚାଲିବ ଓ ତୁମ PCକୁ ସର୍ଭର ସହ ସଂଯୁକ୍ତ କରିବ । ଏହାପରେ ତୁମେ ଟେଲନେଟ ମାଧ୍ୟମରେ କମାଣ୍ଡ ଦେଇପାରିବ ଏବଂ ତାହା ସିଧାସଳଖ ସର୍ଭରରେ କାର୍ଯ୍ୟକାରୀ ହେବ । ଏହା ତୁମକୁ ନେଟୱାର୍କରେ ସର୍ଭରକୁ କଂଟ୍ରୋଲ କରିବାରେ ଓ ଅନ୍ୟ ସର୍ଭର ସହିତ ବିନିମୟ କରିବାରେ ତୁମକୁ କାର୍ଯ୍ୟକ୍ଷମ କରାଇବ । ଗୋଟିଏ ଟେଲନେଟ ସେସନ ଆରମ୍ଭ କରିବା ପାଇଁ **ତୁମେ ଗୋଟିଏ ସର୍ଭର ସହିତ ଲଗଇନ୍ ହେବାକୁ valid username ଓ ପାସୱାର୍ଡ୍ ଦେବାକୁ ପଡ଼ିବ ।**

FTP (File Transfer Protocol)

FTP କିମ୍ବା File Transfer Protocol ଗୋଟିଏ ସାଧାରଣ ଭାବେ ବ୍ୟବହୃତ ହେଉଥିବା ପ୍ରୋଟ୍ରୋକଲ

ଟିପ୍ପଣୀ

ଯାହାକି TCP / IP କୁ ସମର୍ଥନ କରୁଥିବା ଯେକୌଣସି ନେଟୱାର୍କରେ ଫାଇଲକୁ ବଦଳ କରିପାରିବ (ଇଣ୍ଟରନେଟ କିମ୍ବା ଇନ୍‌ଟ୍ରାନେଟ)

FTP ଟ୍ରନ୍ସଫର ପାଇଁ ଦୁଇଟି କମ୍ପୁଟର ସାମିଲ ହୋଇଥାନ୍ତି । ପ୍ରଥମ କଂପ୍ୟୁଟରଟି FTP ସର୍ଭର (ହୋଷ୍ଟ କଂପ୍ୟୁଟର) ଅଟେ । ଏହି କଂପ୍ୟୁଟରଟି ଅନ୍ୟ କଂପ୍ୟୁଟରଠାରୁ request(ଅନୁରୋଧ) ଗ୍ରହଣ କରିବା ପାଇଁ ନେଟୱାର୍କରେ ସାମିଲ ହୋଇଥାଏ । ଅନ୍ୟ କଂପ୍ୟୁଟରଟି (କ୍ଲାଏଣ୍ଟ client କୁହାଯାଏ) FTP client ସଫ୍ଟୱେୟାରକୁ ବ୍ୟବହାର କରି FTP server ସହିତ ସଂଯୁକ୍ତ ହୁଏ । ଥରେ ସଂଯୁକ୍ତ ହୋଇ ସାରିବା ପରେ କ୍ଲାଏଣ୍ଟକଂପ୍ୟୁଟରଟି ବହୁତଗୁଡ଼ିଏ ଫାଇଲ ମାନୁପୁଲେସନ ଯେମିତିକି ଫାଇଲକୁ ସର୍ଭର ମଧ୍ୟକୁ ଅପଲୋଡ଼ କରିବା, ସର୍ଭରର ଫାଇଲକୁ ଡାଉନଲୋଡ଼ କରିବା, ସର୍ଭରରେ ଥିବା ଫାଇଲକୁ rename କିମ୍ବା delete କରିବା ଇତ୍ୟାଦି ।

FTP କ'ଣ ପାଇଁ ବ୍ୟବହାର କରାଯାଏ ?

- ଫାଇଲ sharing ର ଅଗ୍ରଗତିକୁ ପ୍ରୋତ୍ସାହିତ କରେ । (କଂପ୍ୟୁଟର ପ୍ରୋଗ୍ରାମ ଏବଂ /କିମ୍ବା ଡାଟା)
- ପରୋକ୍ଷଭାବରେ ଉତ୍ସାହିତ କରିବା ତଥା ଦୂରରେ ଥିବା କଂପ୍ୟୁଟରକୁ ନିଃସନ୍ଦେହରେ ବ୍ୟବହାର କରିବା ।
- ଡାଟାକୁ ନିର୍ଭରଯୋଗ୍ୟ ତଥା ଦକ୍ଷ ଭାବରେ ଟ୍ରାନ୍ସଫର କରିବା ।

ପାଠଗତ ପ୍ରଶ୍ନାବଳୀ

୧. ନିମ୍ନଲିଖିତ ମଧ୍ୟରୁ ଠିକ୍ କି ଭୂଲ ଲେଖ ।

(a) World Wide Web, ଇଲେକ୍ଟ୍ରୋନିକ ଡକୁମେଣ୍ଟ ବା ୱେବ୍‌ପେଜ୍ ମାନଙ୍କର ସଂଗ୍ରହ ଅଟେ ।

(b) ୱେବ ସର୍ଭର ଗୋଟିଏ ବୈଦୁତିକ ଡକୁମେଣ୍ଟ ଯାହାକି ସମାନ ଡକୁମେଣ୍ଟରେ କିମ୍ବା ପୁରା ଅଲଗା ଡକୁମେଣ୍ଟରେ ଅନ୍ୟ ଯାଗାକୁ ଲିଙ୍କ କରେ ।

(c) POP(Post Office Protocol) ପାଇଁ ବ୍ୟବହୃତ ହୁଏ ।

(d) ବୈଦ୍ୟୁତିକ ଚିଠି ପ୍ରେରଣ ଗୋଟିଏ ବିନା କାଗଜରେ ଚିଠି ପଠାଇବାର ଉପାୟ ।

(e) ଫାଇଲ ଟ୍ରାନସଫର ପ୍ରଣାଳୀ, ସାଧାରଣ ଭାବେ ବ୍ୟବହାର ହେଉଥିବା ଗୋଟିଏ ପ୍ରୋଟୋକଲ ଯାହାକି ନେଟୱାର୍କରେ ଫାଇଲକୁ ବଦଳକରିଥାଏ ।

୨. ଶୂନ୍ୟସ୍ଥାନ ପୂରଣ କର ।

(a) FTP -------- କୁ ପ୍ରୋତ୍ସାହିତ କରେ ।

(b) ----- ଗୋଟିଏ ଇଣ୍ଟରନେଟରେ ବ୍ୟବହାର ହେଉଥିବା ନେଟୱାର୍କ ପ୍ରୋଟୋକଲ ।

(c) ମେଲ ସର୍ଭରକୁ ଦର୍ଶାଉଛି ।

(d) ସର୍ଚ୍ଚ ଇଞ୍ଜିନ ଗୋଟିଏ ପ୍ରୋଗ୍ରାମ ଯାହାକି କଂପ୍ୟୁଟରରେ ଷ୍ଟୋର ହୋଇ ରହିଥିବା ---- କୁ ପାଇବା ପାଇଁ

ଡିଜାଇନ କରାଯାଇଛି ।

(e) ନାମରୁ ଆଡ୍ରେସକୁ ସମାଧାନ କରିବାପାଇଁ ------ ଗୋଟିଏ ମାନକ ଅଟେ ।

୧୦.୧୨ ତୁମେ କ'ଣ ଶିଖିଲ

ଏହି ବିଷୟରେ ତୁମେ ବିଭିନ୍ନ ପ୍ରକାର ଇଣ୍ଟରନେଟ ସଂଯୋଗ ଏବଂ ବ୍ୟବହାର ବିଷୟରେ ଶିଖିଲ । ଏଥିରେ ଇଣ୍ଟରନେଟରେ ବ୍ୟବହାର କରାଯାଉଥିବା ବିଭିନ୍ନ ପ୍ରକାର ଶବ୍ଦ ବଷୟରେ ପରିଚିତ ହେଲ । ସର୍ଚ୍ଚ ଇଞ୍ଜିନ, ଇମେଲ, ଟେଲନେଟ ଏବଂ FTP ବିଷୟରେ ମଧ୍ୟ ଶିଖିଲ ।

୧୦.୧୩ ପାଠାନ୍ତ ପ୍ରଶ୍ନାବଳୀ

୧. ଇଣ୍ଟରନେଟ ସହ ସଂଯୁକ୍ତ ହେବାପାଇଁ ବିଭିନ୍ନ ସଂଯୋଗ ବିଷୟରେ ବର୍ଣ୍ଣନା କର ।

୨. ଡୋମେନ ନେମ ସିଷ୍ଟମ ଓ ଇଣ୍ଟରନେଟ ଆଡ୍ରେସ ବିଷୟରେ ବର୍ଣ୍ଣନା କର ।

୩. ଇଣ୍ଟରନେଟରେ ବ୍ୟବହାର କରାଯାଉଥିବା ନିମ୍ନ ଶବ୍ଦାବଳୀଗୁଡ଼ିକର ସଂଜ୍ଞା ନିର୍ଣ୍ଣୟ କର ।

www, ହାଇପର ଲିଙ୍କ, ୱେବ ପେଜ, ୱେବ ସାଇଟ ଏବଂ URL

୪. Yahoo ଏବଂ Hotmail ମାଗଣା ଇମେଲ ରେଜିଷ୍ଟ୍ରେସନ ଅଫର ଦେଉଛନ୍ତି । ଏହିପରି ଯେ କୌଣସି ଏହି ସାଇଟ୍‌କୁ ଯାଇ ତୁମ ନାମରେ ଗୋଟିଏ ଇମେଲ account ଖୋଲ । ତୁମେ ଜାଣିଥିବା ତୁମ ସାଙ୍ଗ ଠିକଣାରେ ଇମେଲ ସର୍ଚ୍ଚିଙ୍ଗ କରିବାବେଳେ ମୁଖ୍ୟ ଟିପ୍ସଗୁଡ଼ିକ କ'ଣ ?

୫. ତୁମେ ସର୍ଚ୍ଚ ଇଞ୍ଜିନ୍ କହିଲେ କ'ଣ ବୁଝ । ଇଣ୍ଟରନେଟରେ ମିଳୁଥିବା ଦୁଇଟି ସର୍ଚ୍ଚଇଞ୍ଜିନର ନାମ କୁହ ? ଭଲ ଫଳ ପାଇବା ପାଇଁ ସର୍ଚ୍ଚିଙ୍ଗ କରିବା ବେଳେ ମୁଖ୍ୟ ଟିପସଗୁଡ଼ିକ କ'ଣ ?

୧୦.୧୪ ପାଠଗତ ପ୍ରଶ୍ନାବଳୀର ଉତ୍ତର

୧. (a) ଠିକ୍, (b) ଭୂଲ,

(c) ଠିକ୍, (d) ଠିକ୍,

(e) ଭୂଲ ।

୨. (a) sharing of file, (b) ଟେଲନେଟ,

(c) ଡୋମେନ ନେମ, (d) ତଥ୍ୟ , (e) DNS